# Akashvani, Sambalpur

## SAMBALPURI NEWS BULLETIN

### 7 June 2025- 6.47- 6.52 am.

********************************************

ରାଜ୍ୟ କେବିନେଟ                ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ରାଜ୍ୟ କେବିନେଟ୍ ବୈଠକ୍‌ଥି ୫ ଟା ପ୍ରସ୍ତାବ୍ ଆଗତ୍ କରାଯାଇଥିଲା । ସେଥିର୍‌ଭିତ୍‌ରୁ ୪ ଟା ବିଭାଗ୍‌ର ୪ ଟା ପ୍ରସ୍ତାବ୍‌କେ ଆଲୋଚନା ଉତ୍‌ରୁ ଅନୁମୋଦନ୍ କରାଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନାକେ ମଞ୍ଜୁରୀ ମିଲିଛେ । ଆଏବା ୫ ବଛର୍‌ଥି ଯୋଜ୍‌ନା ଲାଗି ୬ ହଜାର୍ କୋଟି ଟଙ୍କା ଖର୍ଚ୍ଚା ହେବା । ବିକଶିତ୍ ଓଡ଼ିଶା ୨୦୩୬ ଲକ୍ଷ୍ୟ ସହେତେ ସହରୀ ବିକାଶ୍ ଲାଗି ଗୁଟେ ସମନ୍ୱିତ୍ ଆଭିମୁଖ୍ୟ ସହେତେ ସହରୀ ଭିତିଭୂମିକେ ବର୍‌କସ୍ କରାଯିବା । ଇ ଯୋଜ୍‌ନା ଅଧୀନ୍‌ଥି ରାଏଜେ ପାଖାପାଖି ୫୦ ହଜାର୍ ସହରୀ ଭିତିଭୂମି ପ୍ରକଳ୍ପର୍ ନିର୍ମାଣ୍ ମୁଲ୍ ହେବା । ଆଉ ଇଥି ୫ ଲାଖ୍ ନୁ ଅଏତ୍‌କା କୁଶଳୀ ଆଉ ଅଣକୁଶଳୀ ଶ୍ରମିକ୍‌ମାନ୍‌କୁ ରୋଜ୍‌ଗାର୍ ମିଲବା । ଜୈବ ପ୍ରଯୁକ୍ତି ନୀତି-୨୦୨୪ ଆଘୋନୁ ମୁଲ୍ ହେଇସାରିଥିବାର୍ ବେଲେ ରାଏଜେ

ଆଏବା ୫ ବଛର୍ ଲାଗି 'ଜୈବ ପ୍ରଯୁକ୍ତି ବିଜ୍ଞାନ୍‌ର ବିକାଶ୍' ଯୋଜ୍‌ନାକେ କେବିନେଟ୍‌ର ମଞ୍ଜୁରୀ ମିଲିଛେ ।

ମୁଖ୍ୟମନ୍ତ୍ରୀ - ସୁବର୍ଣ୍ଣପୁର୍       ସୁବର୍ଣ୍ଣପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍‌କିଆ ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତଥି ଆସୁଛନ୍ । ସୁବର୍ଣ୍ଣପୁର୍ ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ଗୁଟେ ସାଧାରଣ ସଭାଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀ ଆର୍ ସାଂସଦ୍ ମାନେ ଯୋଗ୍ ଦେଇକରି ବିକଶିତ ଓଡ଼ିଶା ସଂକଳ୍ପ ଆଉ ସର୍‌କାର୍‌ଙ୍କର୍ ବଛର୍‌ପୂର୍ତ୍ତିର୍ ଉପଲବ୍ଧି ବାବ୍‌ଦେ ଲୁକ୍‌କୁ ଜନାବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ ।

ଅଭିଯୋଗ୍ ଶୁଣାଣି ବନ୍ଦ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଆଏବା ୯ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି

ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍ନା ଦିଆଯାଇଛେ ।

ଓଏଚ୍‌ପିସି ଚୁକ୍ତିନାମା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଜଲ ବିଦ୍ୟୁତ୍ ନିଗମ୍ ଲିମିଟେଡ୍- ଓଏଚ୍‌ପିସି ଆଉ କେନ୍ଦ୍ର ସର୍କାର୍‌ଙ୍କର୍ ଜଲଶକ୍ତି ମନ୍ତ୍ରଣାଲୟ ଅଧୀନ୍‌ଥି ଥିବା ୱାପ୍‌କୋଷ ଲିମିଟେଡ୍ ଉଦ୍ୟୋଗ୍ ଭିତ୍‌ରେ ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ । ଇତାର୍ ଉତ୍‌ରୁ କଲାହାଣ୍ଡି ଜିଲ୍ଲାର୍ ମୁଖିଗୁଡ଼ା ଠାନେ ୬ ଶହ ମେଗାୱାଟ୍ କ୍ଷମତାର୍ ଅପର୍ ଇନ୍ଦ୍ରାବତୀ ପମ୍ପ୍‌ଡ୍ ଷ୍ଟୋରେଜ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଇପାର୍‌ବା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରଥଯାତ୍ରା-ମନ୍ତ୍ରୀସ୍ତରୀୟ କମିଟି ଗଠନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍କାର୍ ରଥଯାତ୍ରାକେ ଶୃଙ୍ଖଳିତ୍ ଭାବେ କର୍‌ବାର୍ ଲାଗି ମନ୍ତ୍ରୀସ୍ତରୀୟ କମିଟି ଗଠନ୍ କରିଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ କମିଟିର୍ ନେତୃତ୍ୱ ନେବେ । ତାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କମିଟିଥି

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ପ୍ରମୁଖ ସଦସ୍ୟ ଅଛନ୍ । ରାଜ୍ୟପାଲ୍‌ଙ୍କର୍ ନିର୍ଦ୍ଦେଶ୍‌ଥି ଇ କମିଟି ଗଠନ୍ କରାଯାଇଛେ ବଲି ଆଇନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

କୋଭିଡ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇହାଦେତକ୍ ୭ ଶହ ୫୫ ଟା କୋଭିଡ୍ ନମୁନା ପରୀକ୍ଷଣ୍ ହେଇଛେ । ସେଥିର୍‌ଭିତ୍‌ରୁ ୩୮ ଟା ପଜିଟିଭ୍ ବାହାରିଛେ । ୯ ଝନ୍ ପୁରା ଭଲ୍ ହେଇସାରିଥିବାର୍ ବେଲେ ବାକି କୋଭିଡ୍ ଆକ୍ରାନ୍ତ ଗୃହ ସଂଗରୋଧିଥି ରହିକରି ଚିକିତ୍ସିତ୍ ହେଉଛନ୍ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍ ହେଇଯାଇଛେ । ସମ୍ଭାବ୍ୟ ବାତ୍ୟା ଆଉ ବନ୍ୟା ଲାଗି

ଜିଲ୍ଲା ପ୍ରଶାସନ୍ ପୁରା ତୟାର୍ ରହେବାର୍‌କେ ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଜିଏମ୍‌ୟୁ- ନାକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟକେ ନାକ୍ ତର୍‌ଫୁ ବି ପ୍ଲସ୍ ପ୍ଲସ୍ ଗ୍ରେଡ୍ ମିଲିଛେ । ବିଶ୍ୱବିଦ୍ୟାଲୟର୍ ଭିତିଭୂମି ଆଉ ଶୈକ୍ଷିକ ବ୍ୟବସ୍ଥାକେ ନେଇକରି ନାକ୍ ୨ ଦଶ୍‌ମିକ୍ ୮/୭ ସ୍କୋର୍ ଦେଇଛେ । ବିଶ୍ୱବିଦ୍ୟାଲୟ ମାନ୍ୟତା ପାଏବାର୍ ଉତ୍‌ରୁ ପହେଲାଥର୍ ଲାଗି ନାକ୍ ତର୍‌ଫୁ ଇ ଗ୍ରେଡ୍ ମିଲିଛେ ।

ଧର୍‌ତୀ ଆବ୍‌ବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ମିଶନ-ଦେବଗଡ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ୍ ଜିଲ୍ଲା ନ ଆଏବା ୧୫ ନୁ ୩୦ ତାରିଖ୍ ତକ୍ ହେବାର୍‌କେ ଥିବା କେନ୍ଦ୍ର ସର୍‌କାର୍‌ଙ୍କର୍ ଧର୍‌ତୀ ଆବ୍‌ବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ମିଶନ୍ କାର୍ଯ୍ୟକ୍ରମ୍ ଲାଗି ଗୁଟେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲାର୍ ୩୨ ଟା ଗ୍ରାମ୍‌ପଂଚାୟତ୍ ନ ଚିହ୍ନଟ୍ ହେଇଥିବା ୫୨ ଟା ଗାଁଥି

ଖାସ୍ ସଚେତନତା ଶିବିର୍ କରାଯିବାର୍ ସହେତେ କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ସବୁ ଯୋଜ୍ନାର୍ କାର୍ଯ୍ୟକାରିତାକେ ସୁନିଶ୍ଚିତ୍ କର୍ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍କୁ ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଇଦ୍-ଉଲ୍-ଜୁହା ଆର୍ଏନ୍ୟୁ ସମ୍ବଲପୁର୍

ଦେଶେ ତ୍ୟାଗ ଆଉ ବଳିଦାନ୍ର ପର୍ବ ଇଦ୍-ଉଲ୍-ଜୁହା ଆଏଜ୍ ପାଳନ୍ କରାଯାଉଛେ । ଇଦ୍-ଉଲ୍- ଜୁହା ହେଉଛେ ତ୍ୟାଗ୍ର ଦିନ୍ । ଇ ଅବ୍ସରେ ମସ୍ଜିଦ୍ମାନ୍କୁ ମୁସଲମାନ ସଂପ୍ରଦାୟର ଲୁକ୍ମାନେ ନମାଜ୍ ପାଠ୍ କରୁଛନ୍ ।

ରାଜ୍ୟପାଳ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଅବ୍ସରେ ମୁସଲମାନ ଭାଏବହେନ୍ମାନ୍କୁ ଆନ୍ତରିକ ଶୁଭେଚ୍ଛା ଜନେଇଛନ୍ ।

ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ୍ । ଦୂଷିତ ଆଉ ଅପମିଶ୍ରିତ ଖାଦ୍ୟ ଖାଇକରି ପୁର୍ଥିର୍ ଲାଖ୍ ଲାଖ୍ ଲୋକ୍ ରୋଗଥି ପଡୁଛନ୍ । ଖାଦ୍ୟ

ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୧୮ ମସିହାନୁ ଜାତିସଂଘ ତର୍‌ଫୁ ଇ ଦିବସ ପାଲନ୍ କରାଯାଉଛେ । ଇ ବଛର୍ ଖାଦ୍ୟ ସୁରକ୍ଷା ଦିବସ୍‌ର ବାର୍ତା ହେଉଛେ ‘ଖାଦ୍ୟ ନିରାପତା:ବିଜ୍ଞାନ୍‌ର କାର୍ଯ୍ୟକାରିତା’ ।